ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ଵ ବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି

**ପତ୍ର ସଂ –୦୩/୨୦୨୪** **ସପ୍ତାହ- ୦୨** **ମଙ୍ଗଳବାର, ତାରିଖ ୦୯.୦୧.୨୦୨୪**

**ଭବାନୀପାଟନା କୃଷିପାଣିପାଗ କ୍ଷେତ୍ର ୟୁନିଟ ରେ ପୂର୍ବ ସପ୍ତାହରେ ରେକର୍ଡ କରାଯାଇଥିବା ପାଣିପାଗ ସୂଚନା :**

| | |
|---|---|
| ସାପ୍ତାହିକ ବୃଷ୍ଟିପାତ(ମିମି) / ବର୍ଷା ଦିନ | ୦/୦ |
| ସର୍ବମୋଟ ବୃଷ୍ଟିପାତ (ମିମି) / ବର୍ଷା ଦିନ (୦୧-୦୧-୨୦୨୪ ଠାରୁ) | ୦/୦ |
| ସାପ୍ତାହିକ ହାରାହାରି ସର୍ବାଧିକ ତାପମାତ୍ରା ($^0$C) | ୨୮.୫ |
| ସାପ୍ତାହିକ ହାରାହାରି ସର୍ବନିମ୍ନ ତାପମାତ୍ରା ($^0$C) | ୧୨.୮ |

## କଳାହାଣ୍ଡି ଜିଲ୍ଲା ପାଇଁ ପାଣିପାଗ ପୂର୍ବାନୁମାନ – ୧୦.୦୧.୨୦୨୪ ରୁ ୧୪.୦୧.୨୦୨୪ ପର୍ଯ୍ୟନ୍ତ:

ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁସାରେ ଆସନ୍ତା ପାଞ୍ଚ ଦିନ ପାଗ ମୁଖ୍ୟତଃ ଶୁଖିଲା ରହିବାର ସମ୍ଭାବନା ଅଛି । ଏହି ସମୟରେ ଆକାଶ ମେଘଶୁନ୍ୟ ରୁ ମୁଖ୍ୟତଃ ମେଘଶୁନ୍ୟ ରହିବା ସହିତ ଉକ୍ତ ସମୟ ମଧରେ ପବନ ମୁଖ୍ୟତଃ ଦକ୍ଷିଣ ପୂର୍ବ ରୁ ଦକ୍ଷିଣ ଦିଗ ଆଡୁ ଘଣ୍ଟା ପ୍ରତି ୦୦୫ - ୦୦୬ କି.ମି. ବେଗରେ ବହିବାର ଆଶଙ୍କା ଅଛି। ଏହି ସମୟରେ ଦିନ ର ସର୍ବାଧିକ ତାପମାତ୍ରା ୨୮ - ୨୯ ଡିଗ୍ରୀ ସେ. ଓ ସର୍ବନିମ୍ନ ତାପମାତ୍ରା ୧୨ – ୧୫ ଡିଗ୍ରୀ ସେ. ଏବଂ ସର୍ବାଧିକ ଓ ସର୍ବନିମ୍ନ ଆପେକ୍ଷିକ ଆଦ୍ରତା ଯଥାକ୍ରମେ ୩୯ – ୬୮ % ଓ ୧୯ – ୨୯ % ରହିବ ବୋଲି ଆଶା କରାଯାଏ ।

| ଜିଲ୍ଲା | ତାରିଖ | ବର୍ଷାର ପରିମାଣ (ମି.ମି.) | ସର୍ବାଧିକ ତାପମାତ୍ରା ($^0$ସେ.) | ସର୍ବନିମ୍ନ ତାପମାତ୍ରା ($^0$ସେ.) | ଆକାଶରେ ମେଘର ପରିମାଣ (ଅକଟା) | ସର୍ବାଧିକ ଆପେକ୍ଷିକ ଅଦ୍ରତା (%) | ସର୍ବନିମ୍ନ ଆପେକ୍ଷିକ ଅଦ୍ରତା (%) | ପବନର ବେଗ (କି.ମି. ପ୍ରତି ଘଣ୍ଟା ) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| **କଳାହାଣ୍ଡି** | ୧୦-୦୧-୨୦୨୪ | ୦ | ୨୮ | ୧୪ | ୨ | ୬୫ | ୨୪ | ୬ | ୧୨୪ |
| | ୧୧-୦୧-୨୦୨୪ | ୦ | ୨୯ | ୧୫ | ୨ | ୬୧ | ୨୬ | ୫ | ୨୦୨ |
| | ୧୨-୦୧-୨୦୨୪ | ୦ | ୨୯ | ୧୩ | ୦ | ୬୮ | ୨୯ | ୫ | ୧୬୫ |
| | ୧୩-୦୧-୨୦୨୪ | ୦ | ୨୮ | ୧୨ | ୦ | ୬୨ | ୨୭ | ୬ | ୧୬୯ |
| | ୧୪-୦୧-୨୦୨୪ | ୦ | ୨୮ | ୧୨ | ୦ | ୩୯ | ୧୯ | ୬ | ୨୦୨ |

**ଅଧିକ ସୂଚନା ପାଇଁ ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ବର ସହିତ ଯୋଗାଯୋଗ କରନ୍ତୁ ଫୋନ.#୦୬୭୪ - ୨୫୯୬୧୧୬**

## ପାଣିପାଗ ଭିତ୍ତିକ କୃଷି ଉପଦେଶ

- ପନିପରିବା ଫସଲରେ ଅଙ୍ଗୀୟ ଅବସ୍ଥା ସମୟରେ ଧଳାମାଛି, ଜଉ,ଉକୁଣିଆ ଓ ପତ୍ର ଡିଆଁ ପୋକ ର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮ ଟି ଅଠା ଲାଗିଥିବା ହଳଦିଆ ଯନ୍ତା ବ୍ୟବହାର କରନ୍ତୁ ।
- କୀଟ ସଂଖ୍ୟା ଉପରେ ନଜର ରଖିବା ପାଇଁ ଆଲୋକ ଯନ୍ତା ବ୍ୟବହାର କରନ୍ତୁ । ଏହାଦ୍ୱାରା ଉପକାରୀ କୀଟମାନଙ୍କର କମ୍ କ୍ଷତି ହୋଇଥାଏ ।
- ଜମିରେ ରାସାୟନିକ ଔଷଧ ପ୍ରୟୋଗ ସମୟରେ ସ୍ପ୍ରେ କରିବାର ସୁରକ୍ଷିତ ଉପାୟ ମାନ ଅବଲମ୍ବନ କରନ୍ତୁ ଏବଂ ବଳକା ଔଷଧ କୁ ଛୋଟ ପିଲା ଓ ଗୃହପାଳିତ ପଶୁ ମାନଙ୍କ ଠୁ ଦୂରରେ ସୁରକ୍ଷିତ ସ୍ଥାନରେ ରଖନ୍ତୁ ।
- ରାସାୟନିକ ଔଷଧ କୁ ସର୍ବଦା ଅନୁମୋଦିତ ମାତ୍ରା ଓ ସଠିକ ପ୍ରଣାଳୀରେ ସକାଳେ ଅଥବା ଉପରବେଳା ପ୍ରୟୋଗ କରନ୍ତୁ ଏବଂ ପ୍ରୟୋଗ ସମୟରେ ପବନର ଦିଗ ପ୍ରତି ଧ୍ୟାନ ଦିଅନ୍ତୁ ।
- ପନିପରିବା ଚାଷରେ କୋଡା ଖୋସା, ହୁଡ଼ା ଟେକା କାମ କରି ଦିଅନ୍ତୁ ଓ ଅନାବନା ଘାସ ଓପାଡ଼ି ଦିଅନ୍ତୁ। ସମୟ ମୁତାବକ ଅନୁମୋଦିତ ସାର ପ୍ରୟୋଗ ପରେ ଜଳସେଚନ ର ବ୍ୟବସ୍ଥା କରନ୍ତୁ।
- ଖରିଫ ଧାନ ଅମଳ ପରେ ଜମିରେ ଥିବା ଅବଶେଷରେ ନିଆଁ ଲଗାନ୍ତୁ ନାହିଁ ବରଂ ସେହି ଅବଶେଷକୁ ହଳ କରି ମାଟିରେ ମିଶାଇ ଦିଅନ୍ତୁ ।
- ଗେଣ୍ଡୁଫୁଲ ଚାଷରେ ଦହିଆ ପୋକର ନିୟନ୍ତ୍ରଣ ପାଇଁ ୨ ମି.ଲି ପ୍ରଫେନୋଫୋସ୍ ୫୦% ଇ.ସି କିମ୍ବା ୨ ମି.ଲି ବୁପ୍ରୋଫେଜିନ୍ ୨୫% ଏସ୍.ସି କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

### ଡାଲୁଅ ଧାନ :

**ରୁଆ ଧାନ ତଳିଘରା :**

- **ବିହନ ବିଶୋଧନ:** ତଳିରେ ବିହନ ବୁଣିବା ପୂର୍ବରୁ ବିହନକୁ ୧ଗ୍ରା କରବେନଦାଜିମ କିମ୍ବା ୨ ଗ୍ରା କାର୍ବୋକ୍ସିନ କିମ୍ବା ଥିରାମ କୁ ପ୍ରତି ଏକ କିଲୋଗ୍ରାମ ବିହନରେ ମିଶାଇ ବିହନ ବିଶୋଧନ କରନ୍ତୁ।
- **ତଳିର ଯତ୍ନ:** ତଳିଘରାକୁ ଥଣ୍ଡା ଦାଉରୁ ରକ୍ଷା କରିବା ପାଇଁ ଧାନ ବୁଣିବା ପରେ ତଳିଘରା ଉପରେ ଶୁଖିଲା ଗୋବର ଖତର ଏକ ପତଳା ସ୍ତର ପକାନ୍ତୁ। ଅପରାହ୍ନରେ ରେ ତଳିଘରାରେ ଜଳସେଚନ କରନ୍ତୁ। ଅତ୍ୟଧିକ ଥଣ୍ଡା ହେଲେ ରାତିରେ ତଳିଘରାକୁ ପଲିଥିନ ସାହାଯ୍ୟରେ ଘୋଡ଼ାଇ ରଖନ୍ତୁ ଏବଂ ଦିନବେଳା ବାହାର କରିଦିଅନ୍ତୁ।

- **ଖାଦ୍ୟସାର ପରିଚାଳନା**: ସୁସ୍ଥ ତଳି ପାଇଁ ତଳିଘରାରେ ମୂଳସାର ହିସାବରେ ୧୦ ଡେସିମାଲ ପିଛା ୨୦୦ କି.ଗ୍ରା. ସଢ଼ା ଗୋବର ଖତ ସହିତ ୧୨ ରୁ ୧୫ କି.ଗ୍ରା. ଡ଼ି.ଏ.ପି ଏବଂ ୧୦ ରୁ ୧୨ କି.ଗ୍ରା. ଏମ୍.ଓ.ପି ଏବଂ ଏହା ସହିତ ୨୦୦ ଗ୍ରାମ ଜିଙ୍କ ପ୍ରୟୋଗ କରନ୍ତୁ।

**ରୋଗ ଓ ପୋକ ପରିଚାଳନା:**

- **କାଣ୍ଡବିନ୍ଧା ପୋକ:** ନିରୀକ୍ଷଣ ପାଇଁ ପ୍ରତି ୨୦୦ ବର୍ଗ ମିଟର ତଳିଘରା ପିଛା ୩ ଟି ଫେରୋମୋନ ଟ୍ରାପ ଲଗାନ୍ତୁ। ଯଦି ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତା ପ୍ରତି ୪ ରୁ ୫ ହେଇଯିବ ତେବେ ଏକର ପିଛା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ ୪ଜି ୧୦ କି.ଗ୍ରା. କୁ ୧:୧ ସମାନ ପରିମାଣର ବାଲି ସହିତ ମିଶାଇ ପ୍ରୟୋଗ କରନ୍ତୁ ନଚେତ କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫%ଏସ. ସି. କୁ ପ୍ରତି ୧୦ ଲିଟର ପାଣିରେ ୩ ମିଲିଗ୍ରାମ ହିସାବରେ ମିଶ୍ରଣ କରି ସିଞ୍ଚନ କରନ୍ତୁ।
- **ମହିଷା ରୋଗ:** ତଳିଘରାରେ ମହିଷା ରୋଗର ଲକ୍ଷଣ ଦେଖାଦେଲେ ପ୍ରତି ୧୦ ଲିଟର ପାଣିରେ ୪ ଗ୍ରାମ ଟେବୁକୋନାଜୋଲ ୫୦% ସହିତ ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ ୨୫% ଡବ୍ଲୁ. ଜି କିମ୍ବା ୧୫ ମିଲିଗ୍ରାମ ଆଇସୋପ୍ରୋଥିଓଲେନ ୪୦ ଇ.ସି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ ।

**ଚିନାବାଦାମ:**

- **ବିହନ ବିଶୋଧନ:** ମଞ୍ଜି ବୁଣିବା ପୂର୍ବରୁ ପ୍ରତି ଏକ କିଲୋଗ୍ରାମ ମଞ୍ଜିକୁ ୩-୩.୫ ଗ୍ରାମ କାର୍ବେଣ୍ଡାଜିମ୍ ୨୫% + ମାଙ୍କୋଜେବ ୫୦% ଡବ୍ଲୁ.ଏସ୍ ଦ୍ୱାରା ବିହନକୁ ବିଶୋଧନ କରନ୍ତୁ ଏବଂ ବୁଣିବା ସମୟରେ ପ୍ରତି ୨୫ କିଲୋଗ୍ରାମ ମଞ୍ଜି କୁ ୫୦୦ ଗ୍ରାମ ଅଥବା ୨୫୦ ମିଲିଗ୍ରାମ ରାଇଯୋବିୟମ୍ କଲଚର୍ ଦ୍ୱାରା ବିହନକୁ ବିଶୋଧନ କରନ୍ତୁ।
- **ଖାଦ୍ୟସାର ପରିଚାଳନା**: ବିହନ ବୁଣିବା ବେଳେ ଏକର ପ୍ରତି ୪୦ କିଲୋଗ୍ରାମ ଡି.ଏ.ପି, ୨୫ କିଲୋଗ୍ରାମ ଏମ୍.ଓ.ପି ସାର ପ୍ରୟୋଗ କରନ୍ତୁ । ଏହାସହିତ ମୂଳସାର ହିସାବରେ ଏକର ପିଛା ୧ କୁଇଣ୍ଟାଲ ଜିପସମ୍ ପ୍ରୟୋଗ କରନ୍ତୁ ।
- **ଘାସ ପରିଚାଳନା:** ସଅଳ ଗଜା ପରବର୍ତୀ ଘାସମରା ଔଷଧ ଭାବରେ ବିହନ ବୁଣିବାର ୧୫ ଦିନ ମଧ୍ୟରେ ଏକ ଲିଟର ପାଣିରେ ୩ ମିଲିଗ୍ରାମ ହିସାବରେ ଇମାଯେଥାପିର ୧୦% ଏସ.ଏଲ କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ।

**ହରଡ଼ :**

**ରୋଗ ଓ କୀଟ ପରିଚାଳନା:**

- **ଫଳ ବିନ୍ଧା ପୋକ:** ନିୟନ୍ତ୍ରଣ ପାଇଁ ୫ ମି.ଲି. ଡେଲଟାମେଥରିନ୍ ୨.୮% ଇ.ସି. କିମ୍ବା ୧.୫ ମି.ଲି. ସ୍ପିନୋସାଡ ୪୫% ଏସ.ସି କିମ୍ବା ୧ ମି.ଲି. ଫ୍ଲୁବେଣ୍ଡିଆମାଇଡ ୩୯.୩୫ % ଏସ୍.ସି କୁ ପାଞ୍ଚ ଲିଟର ପାଣିରେ ମିଶ୍ରଣ କରି ସିଞ୍ଚନ କରନ୍ତୁ।
- **ଜଉ ପୋକ:** ନିୟନ୍ତ୍ରଣ ପାଇଁ ପ୍ରତି ୫ ଲିଟର ପାଣିରେ ୧ ଗ୍ରା. ଥିଓମେଥୋକ୍ସମ୍ ୨୫ ଡବ୍ଲ୍ୟୁ.ଜି ନଚେତ ପ୍ରତି ୧୦ ଲିଟର ପାଣିରେ ୩ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. କୁ ମିଶ୍ରିତ କରି ସିଂଚନ କରନ୍ତୁ ।
- **ସାହେବି ରୋଗ:** ନିୟନ୍ତ୍ରଣ ପାଇଁ ପ୍ରତି ୫ ଲିଟର ପାଣିରେ ୧ ଗ୍ରା. ଥିଓମେଥୋକ୍ସମ୍ ୨୫ ଡବ୍ଲ୍ୟୁ.ଜି ନଚେତ ପ୍ରତି ୩ ଲିଟର ପାଣିରେ ୧ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. କୁ ମିଶ୍ରିତ କରି ସିଂଚନ କରନ୍ତୁ ।
- **ମୂଳ ଶଢା ରୋଗ:** ପ୍ରତି ଲିଟର ପାଣିରେ ୨ ମି.ଲି. ଭେଲିଡାମାଇସିନ ୩% ଏଲ କିମ୍ବା ୨ ଗ୍ରାମ କାରବେନଡାଜିମ ୫୦% ଡବ୍ଲୁ. ପି. କୁ ମିଶ୍ରଣ କରି ଗଛର ମୂଳ ଭାଗରେ ସିଞ୍ଚନ କରନ୍ତୁ।

**ସୂର୍ଯ୍ୟମୁଖୀ:**

**ରୋଗ ଓ କୀଟ ପରିଚାଳନା:**

- **ଶୋଷକ କୀଟ ସମୂହ (ଜଉ ପୋକ, ପତ୍ରଡିଆଁ ପୋକ, ଉକୁଣିଆ ପୋକ ଓ ଧଳାମାଛି):** ପ୍ରତିକାର ପାଇଁ ୩ ଗ୍ରାମ ଏସିଟାମିପ୍ରିଡ କିମ୍ବା ୪ ଗ୍ରାମ ଥାୟୋମେଥୋକଜାମ କୁ ପ୍ରତି ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- **ପାଉଁଶିଆ ରୋଗ:** ପ୍ରତିକାର ପାଇଁ ୧ ମିଲିଗ୍ରାମ ପ୍ରୋପିକୋନାଜୋଲ ୨୫% ଇ.ସି କୁ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- **ଫୁଲ ସଢା ରୋଗ:** ପ୍ରତିକାର ପାଇଁ ୩ ଗ୍ରାମ କପ୍ପରଅକ୍ସିକ୍ଲୋରାଇଡ ୫୦% ଦବ୍ଲୁ. ପି. କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ପନିପରିବା :**

**ଟମାଟୋ:**

**ରୋଗ ଓ କୀଟ ପରିଚାଳନା:**

- **ଫଳ ଓ କାଣ୍ଡବିନ୍ଧା ପୋକ :** ନିୟନ୍ତ୍ରଣ ପାଇଁ ଏକର ପ୍ରତି ଦୁଇଟି ଲେଖାଏଁ ଫେରୋମୋନ ଟ୍ରାପ ବ୍ୟବହାର କରନ୍ତୁ ନଚେତ ପ୍ରତି ୧୫ ଧାଡ଼ି ବ୍ୟବଧାନରେ ଗେଣ୍ଡୁଫୁଲ କୁ ଅନ୍ତ ଫସଲ ରୂପେ ଲଗାନ୍ତୁ। ରାସାୟନିକ ଉପାୟରେ ନିୟନ୍ତ୍ରଣ ପାଇଁ ୩ ମି.ଲି କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫%ଏସ.ସି କିମ୍ବା ୧୮ ମି.ଲି. କିମ୍ବା ୧୦ ମି.ଲି. ଇନଡୋକ୍ସାକାର୍ବ ୧୪.୫% ଏସ.ସି କୁ ପ୍ରତି ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- **ପତ୍ରଦାଗ/ପାଉଁଶିଆ ରୋଗ:** ପ୍ରତି ଏକ ଲିଟର ପାଣିରେ ୬ ଗ୍ରାମ ଆଜୋକ୍ସିଷ୍ଟ୍ରୋବିନ ୪.୮% + କ୍ଲୋରୋଥାଲୋନିଲ ୪୦% ଏସ.ସି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ।
- **ଝାଉଁଳା ଓ ପତ୍ର ପୋଡ଼ା ରୋଗ:** ନିୟନ୍ତ୍ରଣ ପାଇଁ ପ୍ରତି ଏକ ଲିଟର ପାଣିରେ ୧ ଗ୍ରାମ କରବେନଡାଜିମ ସହିତ ୧ଗ୍ରାମ ପ୍ଲାନଟୋମାଇସିନ କୁ ମିଶ୍ରଣ କରି ଗଛ ମୂଳରେ ସିଞ୍ଚନ କରନ୍ତୁ।

**ଫୁଲ କୋବି ଓ ବନ୍ଧା କୋବି:**

**କୀଟ ପରିଚାଳନା:**

- **ଠିକିରି ପିଠିଆ ପ୍ରଜାପତି ପୋକ:** ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି ଫିପ୍ରୋନିଲ୍ ୫% ଏସ.ସି କିମ୍ବା ୪ ମି.ଲି କ୍ଲୋରୋପାଇଫୋସ୍ ୨୦ % ଇ.ସି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ।
- **ତମ୍ବାଖୁ ପତ୍ରଖିଆ ପୋକ:** ନିୟନ୍ତ୍ରଣ ପାଇଁ ୬ ମି.ଲି ସିନଟ୍ରାନିଲିପ୍ରୋଲ ୧୦.୨୬% ଓ.ଡି କୁ ୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- **ଜଉ ପୋକ:** ନିୟନ୍ତ୍ରଣ ପାଇଁ ପ୍ରତି ୫ ଲିଟର ପାଣିରେ ୧ ଗ୍ରା. ଥିଓମେଥୋକ୍ସମ୍ ୨୫ ଡବ୍ଲ୍ୟୁ.ଜି କୁ ମିଶାଇ ସିଞ୍ଚନ କରନ୍ତୁ ।

**ବାଇଗଣ:**

**କୀଟ ପରିଚାଳନା:**

- **କାଣ୍ଡ ଓ ଫଳ ବିନ୍ଧା ପୋକ**: ନିୟନ୍ତ୍ରଣ ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପିଛା ୮ ଟି ଫେରୋମୋନ୍ ଟ୍ରାପ୍ (ଆକର୍ଷକ ଜନ୍ତା) କିମ୍ବା ୱାଟା ଟ୍ରାପ୍ ଜମିରେ ଲଗାନ୍ତୁ ।

**ପଶୁପାଳନ:**

- **ଗାଈ ଓ ମଇଁଷି :** ଦୁଗ୍ଧ ଦେଉଥିବା ପ୍ରାଣୀ ମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ଦାନା ଓ ସବୁଜ ଘାସ ଯୋଗାଇ ଦିଅନ୍ତୁ।
- **କୁକୁଡ଼ା:** ବିଶେଷ କରି ଶୀତ ଦିନ ରାତିରେ କୁକୁଡ଼ା ଚିଆଁ ମାନଙ୍କୁ ଉତ୍ତାପ ପ୍ରଦାନ ପାଇଁ ବ୍ୟବସ୍ଥା କରନ୍ତୁ ଯଦ୍ୱାରା ସେମାନଙ୍କର ମରଣଶୀଳତା ହ୍ରାସ ପାଇବ । କୁକୁଡ଼ା ଚିଆଁ ମାନଙ୍କୁ ଆବଶ୍ୟକୀୟ ଟୀକାକରଣ କରିବା ସଙ୍ଗେ ସଙ୍ଗେ ପ୍ରଥମ ୨ ରୁ ୩ ସପ୍ତାହ ପର୍ଯ୍ୟନ୍ତ ଉପଯୁକ୍ତ ତାପମାତ୍ରା ପ୍ରଦାନ କରନ୍ତୁ। କୁକୁଡ଼ା ଘରକୁ ନିୟମିତ ଭାବେ ସଫା ରଖନ୍ତୁ ଓ ଚଟଣାକୁ ଆର୍ଦ୍ରତା ମୁକ୍ତ କରନ୍ତୁ।
- **ଛେଳି:** ଶୀତଦିନିଆ ଥଣ୍ଡା ପବନ ଓ ସନ୍ତସନ୍ତିଆ ଚଟାଣ ଠାରୁ ସୁରକ୍ଷା ପ୍ରଦାନ କରନ୍ତୁ।

ନୋଡାଲ ଅଫିସର

ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା

ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ "ମଉସମ", ପାଣିପାଗ ଭିତିକ କୃଷି ସୂଚନା ପାଇଁ "ମେଘଦୂତ" ଓ ବିଜୁଳି ସତର୍କ ସୂଚନା ପାଇଁ "ଦାମିନୀ" ମୋବାଇଲ ଆପ୍ଲିକେସନ ବ୍ୟବହାର କରନ୍ତୁ।

କୃଷିରେ ଅଧିକତର ଲାଭ ନିମନ୍ତେ ଓୟୁଏଟି କଳିଙ୍ଗ ଦ୍ରବ୍ୟ ବ୍ୟବହାର କରନ୍ତୁ (ବିହନ, ଚାରା ଓ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଟିସୁ କଲଚର ଚାରା, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ , ଅଙ୍ଗୁଳିକା ଯାଆଁଳ/ ବର୍ଷିକୀୟା ଯାଆଁଳ, କୁକୁଡ଼ା ଚିଆଁ, ପଶୁ ପ୍ରଜାତି, ଛତୁ ଓ ମଞ୍ଜି , ଜୀବାଣୁ ସାର , ଜୈବିକ କୀଟନାଶକ , ଜିଆ ଓ ଜିଆଖତ ଏବଂ କୃଷି ଯନ୍ତ୍ରପାତି).

ଭାରତୀୟ ପାଣିପାଗ ସଂସ୍ଥା ର ପାଣିପାଗ ଆକଳନ ଓ କୃଷିପାଣିପାଗ ଜନିତ ସୂଚନା ଏବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମେଘଦୂତ ଆପ ରେ ଉପଲବ୍ଧ । ଆପ ଡାଉନଲୋଡ କରିବା ପାଇଁ ନିମ୍ନ ଲିଙ୍କରେ କ୍ଲିକ କରନ୍ତୁ ।

**(Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**